କେନ୍ଦୁଝରର କାଠ କଣ୍ଢେଇ ନୃତ୍ୟ

ଫକିର ଚରଣ ରାଉତ

ସାଂସ୍କୃତିକ ଭୂମି ଏଇ ଆମ ଓଡ଼ିଶା । ଏଠାରେ ଉତ୍କର୍ଷ କଳା ନିପୁଣତା ସଙ୍ଗେ ସଙ୍ଗେ ବାର ମାସରେ ତେର ପର୍ବ ଓଡ଼ିଶାର ସାମାଜିକ ପରମ୍ପରା ଓ ନୃତ୍ୟଗୀତ ମାଧ୍ୟମରେ ଆମେମାନେ କେନ୍ଦୁଝରଠାରେ ଦେଖିବାକୁ ପାଇବା କାଠ କଣ୍ଢେଇ ନୃତ୍ୟ । ଏଠାକାର ବୈଚିତ୍ର୍ୟମୟ ପ୍ରକୃତି ସାଙ୍ଗକୁ ନୈସର୍ଗିକ ଶୋଭାରେ ଭରପୂର ବନଗିରି ତଥା ଚଳଚଞ୍ଚଳ ଝରଣା ଓ ସରଳ ନିରାଡମ୍ବର ଆଦିବାସୀମାନଙ୍କ ଜୀବନଯାପନ ପ୍ରଣାଳୀ ଏଠାକାର ଆଦିମ ଅଧିବାସୀ ଜୁଆଙ୍ଗ ଭୂୟାଁ–କୋହ୍ନ, ବାଥୁଡି, ସାଉଁଟି, ସାନ୍ତାଳ ପ୍ରଭୃତି ଆଦିବାସୀଙ୍କ ଜନଜୀବନକୁ ସଙ୍ଗୀତ ମୁଖର କରି ତୋଳିଛି । ମଣିଷ ଯେତେବେଳେ ଆନନ୍ଦ ଅନୁଭବ କରେ ସେ ସ୍ୱତଃ ପ୍ରବୃତ୍ତ ହୋଇ ନୃତ୍ୟ କରିଥାଏ । ନାଟକ ନୃତ୍ୟ ବାଦ୍ୟଗୀତ ସଂଯୋଜନାରେ ଆତ୍ମପ୍ରକାଶ କରିଥାଏ । କେନ୍ଦୁଝର ଜିଲ୍ଲାରେ 'ରାମଲୀଳା', 'ଘଣ୍ଟପାଟୁଆ', 'ଛଉ', 'କଣ୍ଢେଇ ନୃତ୍ୟ', 'କରମାନାଚ' ପ୍ରଭୃତି କେନ୍ଦୁଝର ଜିଲ୍ଲାର ଲୋକନାଟ୍ୟକୁ ପରିପୃଷ୍ଟ କରିଅଛି ।

କେନ୍ଦୁଝର ନାଟ୍ୟ ପରମ୍ପରା ମାଧ୍ୟମରେ କଣ୍ଢେଇ ନାଚ ସମଗ୍ର ଭାରତବର୍ଷରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ । କେନ୍ଦୁଝରର ବାଡି କଣ୍ଢେଇ ନୃତ୍ୟ ଓଡ଼ିଶା ତଥା ସମଗ୍ର ଭାରତବର୍ଷ ପାଇଁ କଣ୍ଢେଇ ନାଚ ପରମ୍ପରାକୁ ଏକ ମହନୀୟ ଦାନ । କେନ୍ଦୁଝର ଗଡର ଝରା ସମ୍ପ୍ରଦାୟର ଲୋକମାନେ କଣ୍ଢେଇ ନାଚ ପ୍ରଦର୍ଶନ କରି ଆସୁଥିଲେ । ବିଭିନ୍ନ ପର୍ବପର୍ବାଣି ତଥା ଯାତ୍ରା ଉତ୍ସବମାନଙ୍କରେ କଣ୍ଢେଇ ନଚାଇବା ଏକପ୍ରକାର ବେଉଷାଭାବେ ଗ୍ରହଣ କରିନେଇଥିଲେ । କେନ୍ଦୁଝର ବାଡି କଣ୍ଢେଇ ନୃତ୍ୟର ସ୍ରଷ୍ଟା ମକରଧ୍ୱଜ ବେହେରା ଓ ତା' ପରବର୍ତ୍ତୀ କାଳରେ ଝରାମାନଙ୍କଠାରୁ ତଥା ମକରଧ୍ୱଜ ବେହେରାଙ୍କଠାରୁ ତାଙ୍କର ଶିଷ୍ୟ ମାଗୁଣି କୁଅଁର ଝରାମାନଙ୍କର ଏହି ନାଟ୍ୟକଳା ପ୍ରତି ଆକୃଷ୍ଟ ହୋଇଥିଲେ । ପିଲାଦିନେ ଶ୍ରୀ ମାଗୁଣି କୁଅଁର ରାମଲୀଳାରେ ଜଣେ ସୁଦକ୍ଷ କଳାକାର ଓ ଅଭିନେତା ଥିଲେ । କେନ୍ଦୁଝର ଗଡରେ କାଠ ଖୋଦେଇ ମୂର୍ତ୍ତିରେ ଆକର୍ଷଣ ତାଙ୍କ ଜୀବନପଥକୁ ବଦଳାଇ ଦେଇଥିଲା । ତେଣୁ ସେ କାଠ ଖୋଦେଇ ମୂର୍ତ୍ତି ଗଠନରେ ଲାଗି ପଡିଲେ । ଶ୍ରୀ ମାଗୁଣି ଚରଣ କୁଅଁରଙ୍କ ହାତଗଢା କାଠକଣ୍ଢେଇ ମକରଧ୍ୱଜ ବେହେରାଙ୍କର କଣ୍ଢେଇ ନୃତ୍ୟ ପାଇଁ ବହୁତ ସମୟରେ ଉପଯୋଗୀ ହୋଇ ପଡୁଥିଲା ଓ ତାଙ୍କ କଣ୍ଢେଇ ନୃତ୍ୟରେ ବ୍ୟବହାର କରୁଥିଲେ । କ୍ରମେ ତାଙ୍କର କାଠି ବାଡି କଣ୍ଢେଇ ପ୍ରତି ଶ୍ରୀ ମାଗୁଣି ଚରଣ କୁଅଁର ଆକୃଷ୍ଟ ହୋଇ ୧୯୫୫ ମସିହାରେ ୫ଜଣ ସହକର୍ମୀଙ୍କୁ ନେଇ ଉତ୍କଳ ବିଶ୍ୱକର୍ମା କଳାକୁଞ୍ଜ ଗଠନ କରି କଣ୍ଢେଇ ନାଚକୁ ଆଧୁନିକ ଧାରାରେ ପରିବର୍ତ୍ତନ କରିପାରିଥିଲେ । ଝରାମାନେ କମ୍ ଆୟତନ ବିଶିଷ୍ଟ କ୍ଷେତ୍ର ପ୍ରସ୍ତୁତ କରି କଣ୍ଢେଇ ନାଚ କରୁଥିଲେ । କିନ୍ତୁ ମାଗୁଣି ଚରଣ କୁଅଁରଙ୍କ ଲୋକ ନାଟକ ଷ୍ଟେଜ୍ ସଦୃଶ ବିଭିନ୍ନ ଦୃଶ୍ୟ ସଜ୍ଜିତ କଳା, ନୀଳ, ହଳଦୀ ଓ ଲାଲ ରଙ୍ଗର ପର୍ଦ୍ଦା ବ୍ୟବହାର କରୁଥିଲେ । ବିଦ୍ୟୁତ ଆଲୋକ ସଜ୍ଜା ମଧ୍ୟ ଉକ୍ତ ମଞ୍ଚମାନଙ୍କରେ ସଂଯୋଗ କଲେ । ବିଭିନ୍ନ ରଙ୍ଗର ପୋଷାକ ପରିଚ୍ଛଦ ବନ୍ୟଜନ୍ତୁ ଇଲେକ୍ଟ୍ରି ଲାଇଟ୍ ସଂଯୋଗରେ ସୁସଜ୍ଜିତ କାଠ ପିତୁଳାକୁ ଅଧିକ ଜୀବନ୍ତ କରି ନଚାଇଲେ । ଉକ୍ତ ଷ୍ଟେଜ୍ ପାଖରେ ବାଦ୍ୟଯନ୍ତ୍ର କାଠ ପିତୁଳାକୁ ଅଧିକ ଜୀବନ୍ତ କରି ନଚାଇଲେ । ଷ୍ଟେଜ୍ ପାଖରେ ବାଦ୍ୟଯନ୍ତ୍ର ବଂଶୀ, କ୍ଲାରିଓନେଟ୍, ବେହେଲା, ହାରମୋନିୟମ ପ୍ରଭୃତି ବ୍ୟବହାର କଲେ । ଶ୍ରୀଯୁକ୍ତ କୁଅଁର ନିଜେ କାଠ କଣ୍ଢେଇ ନିର୍ମାତା ଥିବାରୁ ଛୋଟ କଣ୍ଢେଇଠାରୁ ୨/୩ଫୁଟ ଉଚ୍ଚତା ବିଶିଷ୍ଟ କଣ୍ଢେଇ ନଚାଇବାର ଯୋଗ୍ୟତା ହାସଲ କରିଛନ୍ତି । ତାଙ୍କ ପାଖରେ ଏକାଦିକ୍ରମେ ୨୦୦ରୁ ୩୦୦ ପର୍ଯ୍ୟନ୍ତ କଣ୍ଢେଇ ଗଚ୍ଛିତ ଥାଏ ।

ପ୍ରଥମ କରି ଝରାମାନେ ପୌରାଣିକ କଥାବସ୍ତୁକୁ ଆଧାର କରି ନାଟକ କୃଷ୍ଣାର୍ଜୁନ ଓ କଂସବଧ ପ୍ରଭୃତି ନାଟକ ସୀମିତ ଥିଲା । ମାତ୍ର ଶ୍ରୀ କୁଅଁର ରାମାୟଣ ମହାଭାରତ ତଥା ଆଧୁନିକତାର ନାଟକ ରଚନା ଗଦ୍ୟ ଓ ସଂଳାପମାନ ପ୍ରସ୍ତୁତ କରି ନିଜେ କଣ୍ଢେଇ ନଚେଇ ସଂଳାପମାନ ପରିବେଷଣ କରିଥାଆନ୍ତି । ସେ ବନ୍ୟଜନ୍ତୁ ପଶୁପକ୍ଷୀଙ୍କର ଭାବ ଓ ସ୍ୱରକୁ ନିଖୁଣ ଭାବେ ଦର୍ଶକଙ୍କ ଆଗରେ ପରିବେଷଣ କରିପାରନ୍ତି । ନିଜେ ସ୍ତ୍ରୀ ଓ ପୁରୁଷ କଣ୍ଠର ସ୍ୱରକୁ ଅନୁକରଣପୂର୍ବକ ପରିବେଷଣ କରି କଣ୍ଢେଇ ନଚାନ୍ତି । ସମାଜ ସଂସ୍କାର ପାଇଁ ମାଦକଦ୍ରବ୍ୟ ସେବନର ଅପକାରିତା ଆଧୁନିକତାର ନୈତିକତା ବିହୀନ ଭ୍ରଷ୍ଟାଚାର ଓ ପାରିବାରିକ ତଥା ସାମାଜିକ ମୂଲ୍ୟବୋଧ ସମ୍ବଳିତ କଥାବସ୍ତୁକୁ କଣ୍ଢେଇ ନାଚ ମାଧ୍ୟମରେ ପରିବେଷଣ କରିଥାଆନ୍ତି ।

ସେଥିପାଇଁ ସେ ଭାରତର ମହାମହିମ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କଠାରୁ ପୁରସ୍କୃତ ହୋଇଛନ୍ତି । ଏହି ହୃତଗୌରବର ପରମ୍ପରାକୁ ଉଜ୍ଜୀବିତ କରିଥିବା ଶ୍ରୀଯୁକ୍ତ ମାଗୁଣି ଚରଣ କୁଅଁରଙ୍କୁ ଜନସାଧାରଣ ସେମାନଙ୍କର ସାହାଯ୍ୟର ହାତ ବଢେଇ ଦେଲେ ଓ ସରକାରଙ୍କ ତରଫରୁ ଏକ କଣ୍ଢେଇ ନାଟ ତାଲିମ ପ୍ରତିଷ୍ଠାନ କେନ୍ଦୁଝରଠାରେ ଖୋଲାଗଲେ ଓ ସମ୍ପୃକ୍ତ ବିଷୟରେ ଅଧିକ ଗବେଷଣା କଲେ ଏହି କଳା ନିଶ୍ଚିତ ଭାବେ ସମଗ୍ର ଭାରତବର୍ଷକୁ କେନ୍ଦୁଝରର ଦାନ ସ୍ୱରୂପ ପରିଗଣିତ ହୋଇପାରନ୍ତା ।

ସା: ମାଗୁରଗାଡିଆ
ପୋଅ: କେନ୍ଦୁଝରଗଡ
ଜିଲ୍ଲା: କେନ୍ଦୁଝର– ୭୫୮୦୦୧

ଦେଖି ଆସେ ମୁଁ ତାହାକୁ

ଅନ୍ନପୂର୍ଣ୍ଣା ମିଶ୍ର

ଗୋପପୁର ଏବେ ଉଛୁଳି ପଡୁଛି
ନନ୍ଦରାଜା ଘରେ ପୁଅ
ଦେଖିବା ପାଇଁକି ଚାଲନ୍ତି ଗୋପିଏ
ମୋତେ ଭଲା ସଙ୍ଗେ ନିଅ ହେ
ଦେଖି ଆସେ ମୁଁ ତାହାକୁ
ମୋତେ ନଦିଏ କିମ୍ପା ରାହାକୁ ହେ
ଦେଖି ଆସେ ମୁଁ ତାହାକୁ ।

ଆସ ଗୋ ଗୋପିଏ ଫୁଲରୁ ଥୋକାଏ
ବୃନ୍ଦାବନୁ ନେବା ଡୋଳି
ଅତି ଯତନରେ ଫୁଲକୁ ସଜାଇ
ବାନ୍ଧିଦେବା ନୂଆ ଦୋଳି ହେ
ସେହି ପୁଅକୁ ତହିଁରେ
ଶୋଇ ଝୁଲାଇବା ଧୀରେ ଧୀରେ ହେ
ସେଇ ପୁଅକୁ ତହିଁରେ ।

ଆଣି ଦିଅ ଏବେ ପୁଅକୁ ମୋତେ ମା'
ତଇଳ ଦିଏ ଲଗାଇ
ଅତି ଯତନରେ ଏନ୍ତୁଡି ନିଆଁରେ
ତାହାକୁ ସେକିବି ମୁହିଁ ହେ
ମହୁତୁଲେ ଭରି ଜଳ
ଆଣ ପିଆଇ ଦିଏ ଚଞ୍ଚଳ ହେ
ମହୁତୁଲେ ଭରି ଜଳ ।

କୋରା ଖଜା ଯାହା ବାଣ୍ଟୁଛ ମୋ ପାଇଁ
ସବୁଥିରୁ ଥାଅ ରଖି
ଏଇ ପୁଅଟିକୁ ସେକି ଶୋଇଦେଲେ
ଗୋଟି ଗୋଟି ଦେବି ଚାଖି ହେ
ମୋର ଶରଧା ତହିଁରେ
ଅନ୍ନପୂର୍ଣ୍ଣା ଏବେ ଏନ୍ତୁଡିରେ ହେ
ମୋର ଶରଧା ତହିଁରେ ।

ହରଚଣ୍ଡୀ ସାହି, ପୁରୀ